# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 July - 2024**

**News Editor : *Itishree Singh Rathaur***

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ଗତକାଲି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକରେ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପିତ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାରେ ରାଜ୍ୟ ଗୁରୁତ୍ୱ ବହନ କରୁଛି । ସେ କହିଛନ୍ତି ରାଜ୍ୟର ଉନ୍ନତି ପାଇଁ ୪୮୦ କିଲୋମିଟର ବେଳାଭୂମିର ବିକାଶ, ବନ୍ଦର ଭିତ୍ତିକ ଶିଳ୍ପ, ପର୍ଯ୍ୟଟନ, ଆଇ.ଟି., ଜନଜାତିମାନଙ୍କ ପ୍ରଗତି ଉପରେ ଲକ୍ଷ୍ୟ କେନ୍ଦ୍ରିତ କରାଯାଇଛି ।

ଆଳୁ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ପରିସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ । ସେହିଭଳି ପୋଲାଭରମ ପ୍ରକଳ୍ପକୁ ନେଇ ଆନ୍ଧ୍ରପ୍ରଦେଶ

ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା ସୂଚନା ଦେଇଛନ୍ତି ।

## ଲେଖା ଅନୁଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଲେଖା ଅନୁଦାନ ପ୍ରସ୍ତାବ ଆଗତ କରିବେ । ଏହି ଲେଖା ଅନୁଦାନର ପରିମାଣ ୯୫ ହଜାର କୋଟି ଟଙ୍କାର ବୋଲି ଜଣାପଡ଼ିଛି । ଏହା ଉପରେ ଆଜି ଆଲୋଚନା ହେବାକୁ ଥିବା ବେଳେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିନିଯୋଗ ବିଲ୍ ଆଗତ କରିବେ ।

## ଅସ୍ତ୍ରଶସ୍ତ୍ର କ୍ରୟ

ପୋଲିସ୍ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ କ୍ରୟ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୨୬ କୋଟି ୪୪ ଲକ୍ଷ ୯୪ ହଜାର ୮୦ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସେହିପରି ଅତ୍ୟାଧୁନିକ ଉପକରଣ କ୍ରୟ ନିମନ୍ତେ ଚଳିତବର୍ଷରେ ଆଧୁନିକୀକରଣ ଯୋଜନାରେ ୨୫ କୋଟି ୫୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ସେଥିମଧ୍ୟରୁ କେନ୍ଦ୍ର ସରକାର ଅଂଶଧନ ବାବଦରେ ୧୫ କୋଟି ୩୩ ଲକ୍ଷ ଟଙ୍କା ଓ ରାଜ୍ୟ ସରକାର ନିଜ ଅଂଶଧନ ବାବଦକୁ ୧୦ କୋଟି ୨୨ ଲକ୍ଷ ଟଙ୍କା ରାଜ୍ୟ ପୋଲିସ୍ ବିଭାଗକୁ ପ୍ରଦାନ କରିଛନ୍ତି ।

## ପ୍ରଶ୍ନୋତ୍ତର

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଗତ ୧ମାସ ମଧ୍ୟରେ ୧୧ ହଜାର ୫୪୭ଟି ଅଭିଯୋଗ ଆସିଛି । ସେଥିମଧ୍ୟରୁ ୨ ହଜାର ୧୧୨ଟି ଅଭିଯୋଗର ସମାଧାନ ହୋଇଥିବା ଜଣାପଡ଼ିଛି । ଅନ୍ୟ ଅଭିଯୋଗଗୁଡ଼ିକ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟକୁ ଫଇସଲା ପାଇଁ ପଠାଯାଇଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ।

## ସଫ୍‌ଟଓୟାର ରପ୍ତାନୀ

ଆଇ.ଟି. ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ପ୍ରଥମ ୧୦ଟି ଅଗ୍ରଣୀ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟରୁ ୯୦୦ କୋଟିର ସଫ୍‌ଟଓୟାର ରପ୍ତାନୀ ପାଇଁ ପ୍ରସ୍ତାବ ରହିଛି ବୋଲି ବିଧାନସଭାରେ ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଇଲେକ୍‌ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ସେ କହିଛନ୍ତି ୨୦୨୩-୨୪ ଆର୍ଥିକ ବର୍ଷରେ ୭ ହଜାର ୫୦୦ କୋଟି ଟଙ୍କାର ସଫ୍ଟୱୟାର ରପ୍ତାନୀ ହୋଇଛି । ୧୯୯୩-୯୪ ମସିହାରୁ ରାଜ୍ୟରେ ସଫ୍ଟୱୟାର ରପ୍ତାନୀ ଆରମ୍ଭ ହୋଇଥିଲା ।

# ଓଡ଼ିଆ ଭାଷା

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଗତକାଲି ଅର୍ଥ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଟିପ୍ପଣୀ, ଆଦେଶ, ବିଜ୍ଞପ୍ତି, ସ୍ମାରକପତ୍ର, ସଂକଳ୍ପ ଓ ପତ୍ର ବିନିମୟ ଆଦି ଓଡ଼ିଆ ଭାଷାରେ ସମ୍ପାଦନା କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

---

# ଜନ୍ମହାର

ରାଜ୍ୟରେ ୨୦୨୦ ମସିହା ପରଠାରୁ ଜନ୍ମହାର କମିବାରେ ଲାଗିଛି । ଜାତୀୟ ହାରଠାରୁ ରାଜ୍ୟରେ ଜନ୍ମହାର କମ୍ ରହିଛି । ସେହିଭଳି ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇଛି ବୋଲି ଗତକାଲି ବିଧାନସଭାରେ ବିଜେଡ଼ି ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ୨୦୨୨ ମସିହାରେ ପ୍ରକାଶିତ ନମୁନା ପଞ୍ଜିକରଣ ତଥ୍ୟ ଅନୁସାରେ ରାଜ୍ୟରେ ଜନ୍ମହାର କ୍ରମାଗତ ଭାବେ ହ୍ରାସ ପାଇବା ସହ ଏହା ୧୭ ଦଶମିକ ୭ ପ୍ରତିଶତ ରହିଥିବା ବେଳେ ମୃତ୍ୟୁହାର ୭ ଦଶମିକ ୩ ପ୍ରତିଶତ ରହିଛି ।

---

# ନିଟ୍ କାଉନ୍‌ସେଲିଂ

ନିଟ୍-ୟୁଜି ୨୦୨୪ର କାଉନ୍‌ସେଲିଂ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ ବୋଲି ମେଡ଼ିକାଲ୍ କାଉନ୍‌ସେଲିଂ କମିଟି-ଏମ୍‌ସିସି ପକ୍ଷରୁ ସୂଚନା ଦିଆଯାଇଛି । ଅଗଷ୍ଟ ପ୍ରଥମ ସପ୍ତାହରେ କାନ୍‌ସେଲିଂ ପାଇଁ ପଞ୍ଜିକରଣ ଆରମ୍ଭ ହେବ । ଏଥିରେ ଅଲ୍ ଇଣ୍ଡିଆ କୋଟା ଆଧାରରେ ୧୫ ପ୍ରତିଶତ ସିଟ୍‌ରେ କାଉନ୍‌ସେଲିଂ ପ୍ରକ୍ରିୟା ହେବ । ବଳକା ୮୫ ପ୍ରତିଶତ ସିଟ୍‌ରେ ରାଜ୍ୟ କୋଟାରେ କାଉନ୍‌ସେଲିଂ କରାଯିବ । ବିସ୍ତୃତ ବିବରଣୀ ଏହାର ୱେବ୍‌ସାଇଟ୍ **mcc.nic.in** ରେ ଜାରି କରାଯାଇଛି ।

---

# କୌଶଳ ରଥ

ଅନୁଗୁଳ ଜିଲ୍ଲା ତାଳଚେରସ୍ଥିତ ସରକାରୀ ଆଇ.ଟି.ଆଇ. ପରିସରରେ କୌଶଳ ରଥର ଶୁଭାରମ୍ଭ ହୋଇଛି । ଏହି ରଥରେ  ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ କୌଶଳ ସଂପର୍କରେ ସୂଚନା ପ୍ରଦାନ କରାଯାଉଛି ।

---

# ପାଣିପାଗ

ରାଜ୍ୟର ଅଧିକାଂଶ ସ୍ଥାନରେ ମୌସୁମୀ ସକ୍ରିୟ ରହିଥିବାରୁ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ବର୍ଷାର ପରିମାଣ

ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

................................................................................